# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29th July – 2026

************************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ପାରିତ ହେଲା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍-୨୦୨୬ ।

— ରାଜ୍ୟସଭାରେ ଜାତୀୟ ସମ୍ମାନ ଅବମାନନା ପ୍ରତିରୋଧ ସଂଶୋଧନ ବିଲ୍ ପାରିତ ।

- ଗଭୀର ଅବପାତର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ।

— ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା; କହିଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ରାଜ୍ୟର ୬ ହଜାର ୭୯୯ଟି ଗ୍ରାମପଞ୍ଚାୟତକୁ ବିସ୍ତାର କରାଯିବ 'ଫାଇବର ଟୁ ହୋମ୍' ।

*Desk*

# ଲୋକସଭା - ପରୀକ୍ଷା ବିଲ୍

ଲୋକସଭାରେ ଆଜି ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ପାରିତ ହୋଇଛି । ଏହି ବିଲ୍ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ-୨୦୨୪ରେ ସଂଶୋଧନପାଇଁ ଉଦ୍ଦିଷ୍ଟ । ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସନ୍ନିବେଶିତ କରାଯାଇଛି, ଯେଉଁଥିରେ ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ, ୧୦ କୋଟି ଟଙ୍କା ଜରିମାନା ଏବଂ ଦୋଷୀ ସାବ୍ୟସ୍ତ ଅପରାଧୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ଭଳି କଠୋର ବ୍ୟବସ୍ଥା ରହିଛି । ମାମଲାଗୁଡ଼ିକର ତ୍ୱରିତ ସମାଧାନ କରିବାପାଇଁ ଏହି ଆଇନ ପ୍ରତ୍ୟେକ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ଦୈନନ୍ଦିନ ଶୁଣାଣିପାଇଁ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ବାଧ୍ୟତାମୂଳକ କରିଛି । ମାମଲା ଥାନାରେ ପଞ୍ଜିକୃତ ହେବା ଦିନଠାରୁ ୨ ମାସ ମଧ୍ୟରେ ଅପରାଧର ତଦନ୍ତ ଶେଷହେବା ଆବଶ୍ୟକ । ଅଭିଯୋଗପତ୍ର ଦାଖଲ ହେବାର ୩ ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ କରିବା ଲାଗି ବିଲ୍‌ରେ ବ୍ୟବସ୍ଥା କରାଯାଇଛି ।

ବିଲ୍ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଆଇନକୁ ଅଧିକ କଠୋର କରିବା ଏବଂ ଶୀଘ୍ର ନ୍ୟାୟ ସୁନିଶ୍ଚିତ କରିବାପାଇଁ ସରକାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

*Pool*

# ରାଜ୍ୟସଭା

ରାଜ୍ୟସଭାରେ ଆଜି ଜାତୀୟ ସମ୍ମାନ ଅବମାନନା ପ୍ରତିରୋଧ ସଂଶୋଧନ ବିଧେୟକ–୨୦୨୬ ପାରିତ ହୋଇଛି । ଏହି ବିଧେୟକ ଜାତୀୟ ସମ୍ମାନ ଅବମାନନା ପ୍ରତିରୋଧ ଅଧିନିୟମ ୧୯୭୧ରେ ସଂଶୋଧନ ପାଇଁ ଉଦ୍ଦିଷ୍ଟ। ପ୍ରସ୍ତାବିତ ଆଇନରେ 'ବନ୍ଦେ ମାତରମ୍'କୁ ଜାତୀୟ ସଂଗୀତ, 'ଜନଗଣମନ' ଭଳି ସମାନ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ଏହି ବିଲ୍‌ରେ ଜାତୀୟ ସମ୍ମାନ ଅବମାନନା ଅପରାଧ ପାଇଁ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ, ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି।

ବିଧେୟକ ଉପରେ ଆଲୋଚନାର ଉତ୍ତର ରଖି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ବିଧେୟକରେ କରାଯାଇଥିବା ସଂଶୋଧନ କେବଳ ଏକ ଆଇନଗତ ପରିବର୍ତ୍ତନ ନୁହେଁ, ଏହା ଭାରତର ଆତ୍ମା, ଜାତୀୟ ଚେତନା, ସାଂସ୍କୃତିକ ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

*Desk*

# ପ୍ରଯୁକ୍ତିବିଦ୍ୟା

ରାଜ୍ୟର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବାପାଇଁ ଡିଜିଟାଲ ଭାରତ ନିଧି, ଟେଲି କମ୍ୟୁନିକେସନ ଏବଂ ବି.ଏସ୍.ଏନ୍.ଏଲ୍. ମଧ୍ୟରେ

ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏଥିରେ ରାଜ୍ୟର ୬ ହଜାର ୭୯୯ଟି ଗ୍ରାମପଞ୍ଚାୟତକୁ 'ଫାଇବର୍ ଟୁ ହୋମ୍' ବିସ୍ତାର କରାଯିବ, ଯାହାଦ୍ୱାରା ଡିଜିଟାଲ୍ ଶିକ୍ଷା, ଟେଲି ମେଡିସିନ୍, ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ଗ୍ରାମୀଣ ଉଦ୍ୟମିତା, ରୋଜଗାର ଏବଂ ଆର୍ଥିକ ବିକାଶପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଏହା ମାଧ୍ୟମରେ ୫୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମକୁ ଇଣ୍ଟରନେଟ୍ ସେବା ଯୋଗାଇଦେବାପାଇଁ ୩ ହଜାର ୩୮୪ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓଡ଼ିଶା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି । ଏହି ପଦକ୍ଷେପ ରାଜ୍ୟରେ ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଗବେଷଣା, ନବସୃଜନ କ୍ଷେତ୍ରରେ ନୂତନ ଦିଗ ଉନ୍ମୋଚନ କରି ବିକଶିତ ଓଡ଼ିଶା ଓ ଭାରତ ଗଠନରେ ସହଯୋଗୀ ହେବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି ।

***Desk***

# ଅଙ୍ଗନୱାଡ଼ି କର୍ମୀ ବାର୍ତ୍ତାଳାପ

ମହିଳା ଓ ଶିଶୁକଲ୍ୟାଣ କ୍ଷେତ୍ରରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାକୁ ସରକାର ସଙ୍କଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ବ୍ରହ୍ମପୁରସ୍ଥିତ ଏନ୍.ଆଇ.ଏସ୍.ଟି. ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଅଙ୍ଗନୱାଡ଼ି କର୍ମୀଙ୍କ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ

କହିଛନ୍ତି, ନୀତି ନିର୍ଦ୍ଧାରଣରେ କ୍ଷେତ୍ରସ୍ତରୀୟ ଅଭିଜ୍ଞତା ଓ ଜନଭାଗିତାରୀକୁ ପ୍ରାଧାନ୍ୟ ଦିଆଗଲେ ପ୍ରକୃତ ବିକାଶ ସମ୍ଭବପର ହୋଇଥାଏ । ତୃଣମୂଳ ସ୍ତରରେ ଅଙ୍ଗନୱାଡ଼ି କର୍ମୀଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟଶୈଳୀ, ମା’ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ବିକାଶ କ୍ଷେତ୍ରରେ ଅତୁଳନୀୟ ଭୂମିକା ରହିଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ’ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

*Desk, Bhadrak, Jajpur, Nuapada, Boudh/R*

## ବନ୍ୟା ପରିସ୍ଥିତି

ଉତ୍ତର ଆଭ୍ୟନ୍ତରୀଣ ଓଡିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଗଭୀର ଅବପାତ କେନ୍ଦ୍ରୀଭୂତ ରହିଛି । ଏହା ବର୍ତ୍ତମାନ ଉତ୍ତର ଓଡିଶା, ଦକ୍ଷିଣ ଝାଡଖଣ୍ଡ ଏବଂ ଉତ୍ତର ଛତିଶଗଡ ଦେଇ ଗତି କରୁଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ  ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ସରକାରଙ୍କପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ନେଇ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର

ରିଲିଫ୍ କମିଶନରଙ୍କ ସହ ଆଲୋଚନା କରି ଶ୍ରୀ ମାଝୀ କହିଛନ୍ତି, ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟ ବନ୍ୟା ପରିସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି । ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ ସୁରକ୍ଷିତ ରଖିବାପାଇଁ ପ୍ରଶାସନିକ ସ୍ତରରେ ନିର୍ଦ୍ଦେଶ ଦିଆଯାଇଛି । ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା, ସ୍ଥାନାନ୍ତର ଓ ରିଲିଫ୍ କାର୍ଯ୍ୟକୁ ତଦାରଖ କରିବାପାଇଁ ୩ ଜଣ ବରିଷ୍ଠ ଆଇ.ଏ.ଏସ୍. ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି । ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କ ସ୍ଥାନାନ୍ତର କାର୍ଯ୍ୟରେ ଏନ୍.ଡି.ଆର୍.ଏଫ୍., ଓଡ୍ରାଫ୍, ଅଗ୍ନିଶମ ଓ ପୁଲିସ ବାହିନୀ ନିୟୋଜିତ ଅଛନ୍ତି । ସମସ୍ତ ଆଶ୍ରୟସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳ, ରନ୍ଧାଖାଦ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା, ସର୍ପାଘାତ ପ୍ରତିଷେଧକ ଔଷଧ ଯୋଗାଇ ଦିଆଯାଇଛି । ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଓ ଚାଷଜମିପାଇଁ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟାସ୍ଥିତିର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି, ପ୍ରଭାବିତ ନାଗରିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ସତର୍କତାମୂଳକ ପଦକ୍ଷେପସ୍ୱରୂପ ୩୦ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି ରହିଛି । ଲଗାଣ ବର୍ଷାରେ

ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦ୍ରଝର ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି ।

ବନ୍ୟାଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗର ୬୦ଟି ଟିମ୍ ନିୟୋଜିତ ଅଛନ୍ତି ବୋଲି ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ।

***Voice (Fire DG)*** :.......

ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଓ ନବରଙ୍ଗପୁର ଜିଲ୍ଲାରେ ଆସନ୍ତାକାଲି ମଧ୍ୟ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି ।

ଯାଜପୁର ଜିଲ୍ଲାରେ ବୈତରଣୀ ଓ ଶାଖା ନଦୀ ବୁଢ଼ା ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ବନ୍ୟାଜଳ ଗାଁଗୁଡ଼ିକରେ ପ୍ରବେଶ କରିବା ସହ ଚାଷଜମି ନଷ୍ଟ ହୋଇଛି । ବୈତାରଣୀ ନଦୀର ଜଳସ୍ତର ଆଖୁଆପଦା, ବଲ୍ଲଭୀଘାଟ ଓ ଦଶରଥପୁରଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ଆମ ସମ୍ବାଦାଦାତା ଜଣାଇଛନ୍ତି ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଘରଧରା ଗ୍ରାମ ଉପରପଡ଼ାରେ ଜଳବନ୍ଦୀ ପରିବାରଗୁଡ଼ିକୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳୀକୁ ନିଆଯାଇଛି ।

ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ମହାନଦୀ, ତେଲ, ସାଲୁଙ୍କି, ବାଘ ନଦୀରେ ଜଳସ୍ତର ବୃଦ୍ଧିପାଇଛି । ଜିଲ୍ଲାପାଳ ମହାନଦୀ କୂଳ ଅଞ୍ଚଳକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି ।

***Kendrapara/R***

# ପ୍ରୟାସ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଓସ୍ୱାନ୍ ସମ୍ମିଳନୀ କକ୍ଷରେ "ପ୍ରୟାସ" କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁବିକାଶ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଯାଇଛି ।

***Kendrapara/R***

# ଏସ୍.ଆଇ.ଆର୍.

ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟର ଅନୁସଚିବ ନିରଞ୍ଜନ ପାଢ଼ୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆଇ.ଆର୍. ଚିଠା ତାଲିକା ପ୍ରକାଶ ପରବର୍ତ୍ତୀ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଜିଲ୍ଲାରେ ଦାବି ଓ ଆପତ୍ତି ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟା କିପରି ସୁଚାରୁରୂପେ ପରିଚାଳିତ ହେଉଛି, ସେ ସମ୍ପର୍କରେ ଶ୍ରୀ ପାଢ଼ୀ କ୍ଷେତ୍ରୀୟ ପର୍ଯ୍ୟାୟରେ ଅନୁଧ୍ୟାନ କରିଛନ୍ତି ।

***Desk***

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଆଷାଢ ଶୁକ୍ଳ ବ୍ୟାସପୂର୍ଣ୍ଣିମା ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Jajpur, Deogarh, Rayagada, sonepur/R***

# କିଛି ଖବର ସଂକ୍ଷେପରେ...

ଯାଜପୁର ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର କେନ୍ଦ୍ରୀୟ ପରୀକ୍ଷାଗାରକୁ ଜିଲ୍ଲାପାଳ ଅମ୍ବର କୁମାର କର ଉଦ୍‌ଘାଟନ କରିଛନ୍ତି ।

ଦେବଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ କିଶୋର ନ୍ୟାୟ, ସାଇବର ସୁରକ୍ଷା, ପ୍ରଶାସନିକ ସେବାରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ରାୟଗଡ଼ା ଜିଲ୍ଲାକୁ ରାଜ୍ୟସ୍ତରୀୟ ହେପାଟାଇଟିସ୍ ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଡୁଙ୍ଗୁରିପାଲି ବ୍ଲକ୍‌ର ଧର୍ମଦାଣ୍ଡି ସେତୁ ଉପରେ ବନ୍ୟାଜଳ ପ୍ରବାହିତ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ।

***BBSR/R***

## ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

ବାଘମାନଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସ୍ଥାନୀୟ ଜନଜାତି ଓ ସମ୍ପ୍ରଦାୟର ସହଭାଗିତାରେ ବାଘଙ୍କ ଭବିଷ୍ୟତର ସୁରକ୍ଷା।' ଦେଶରେ ବାଘବଂଶ ବୃଦ୍ଧି କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଗ୍ରହଣ କରାଯାଉଛି।

ନନ୍ଦନକାଳନନ ପ୍ରାଣୀ ଉଦ୍ୟାନରେ ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ବାଘର ଯତ୍ନ ଓ ସଂରକ୍ଷଣ କ୍ଷେତ୍ରରେ ସେବା ଯୋଗାଇଥିବା ୨୫ ଜଣ ବ୍ୟାଘ୍ର ରକ୍ଷକଙ୍କୁ ସମ୍ମାନିତ କରାଯାଇଛି । ବର୍ତ୍ତମାନ ନନ୍ଦନକାନନରେ ୨୭ଟି ବାଘ

ରହିଛନ୍ତି । ସେଥିମଧ୍ୟରେ ୧୮ଟି ସାଧାରଣ ରଙ୍ଗର ବାଘ, ୫ଟି ଧଳାବାଘ ଓ ୫ଟି ମେଲାନିଷ୍ଟିକ୍ ବାଘ ରହିଛନ୍ତି ।

***Desk***

## ବ୍ୟାସ ପୂର୍ଣ୍ଣିମା

ପବିତ୍ର ଆଷାଢ଼ ପୂର୍ଣ୍ଣିମାରେ ଆଜି ବ୍ୟାସପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ପାଳନ କରାଯାଉଛି। ଗୁରୁ ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଶୈକ୍ଷିକ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖି ସମାଜକୁ ପ୍ରେରିତ କରିବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ଆଜି ଗୁରୁପୂର୍ଣ୍ଣିମାକୁ ମହା ଆଡମ୍ବରରେ ପାଳନ କରୁଛନ୍ତି। ଯୋଗୀ ପରମ୍ପରା ଅନୁସାରେ ଭଗବାନ ଶିବ ପ୍ରଥମ ଗୁରୁ କିନ୍ତୁ ହିନ୍ଦୁ ଋଷି ସାଧୁସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବେ ପୂଜା କରିଥାନ୍ତି। ଗୁରୁପୂର୍ଣ୍ଣିମା ହେଉଛି ଶିକ୍ଷା, ଜ୍ଞାନ ଆହରଣ ଏବଂ କୃତଜ୍ଞତା ପ୍ରକାଶ କରିବାର ପର୍ବ। ଶିଷ୍ୟଙ୍କ ଜୀବନ ଗଢ଼ିବାରେ ଗୁରୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

******